# ଲା ଲିଗା ଫୁଟବଲ: ଶୀର୍ଷରେ ମାଡ୍ରିଡ୍

ମାଡ୍ରିଡ୍,୨୯।୬/ଏଜେନ୍ସି: ଦୁର୍ବଳ ଇସ୍ପାନୋୟେଲ୍‌କୁ ୧-୦ ଗୋଲରେ ପରାସ୍ତ କରି ରିଅଲ ମାଡ୍ରିଡ୍ ସ୍ପାନିଶ ନ୍ୟାସନାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଲା ଲିଗା ପଏଣ୍ଟ ଟେବଲର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ରିଅଲ ମାଡ୍ରିଡ୍‌ର ଏହା କ୍ରମାଗତ ୫ମ ବିଜୟ ଓ ୩୨ଟି ଗେମ୍ ପରେ ଏହା ୭୧ ପଏଣ୍ଟ ପାଇ ଟେବଲର ଶୀର୍ଷସ୍ଥାନକୁ ଉନ୍ନୀତ ହୋଇଛି। ଶନିବାର ସେଲଟା ଭିଗୋ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିବା ବାର୍ସିଲୋନା ସମାନ ସଂଖ୍ୟକ ମ୍ୟାଚ୍‌ରୁ ୬୯ ପଏଣ୍ଟ ପାଇ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନରେ ରହିଛି।

ଏହି ମ୍ୟାଚ୍‌ରେ ରିଅଲ ମାଡ୍ରିଡ୍ ପକ୍ଷରୁ ବ୍ରାଜିଲିଆନ୍ ମିଡ୍‌ଫିଲ୍ଡର କାସେମିରୋ ଏକମାତ୍ର ଗୋଲଟି ସ୍କୋର କରିଥିଲେ। କିନ୍ତୁ ଏହି ଗୋଲର ଶ୍ରେୟ ଫ୍ରେଞ୍ଚ୍ ଖେଳାଳି କରିମ ବେନିଜାଙ୍କୁ ଯାଉଛି। ବେନିଜା ବଲ ଡ୍ରିବ୍‌ଲିଂ କରୁଥିଲାବେଳେ ତାଙ୍କ ସାମ୍‌ନାରେ ଥିବା ଇସ୍ପାନୋୟଲ ଖେଳାଳି ବର୍ଣ୍ଣାଣ୍ଡୋ ଏସ୍ପିନୋସାଙ୍କ ଦୁଇ ଗୋଡ ମଝିରେ ବଲକୁ ନେଇଯାଇଥିଲେ ଓ ବଲ୍‌କୁ ସେ ଡାହାଣପଟେ ଥିବା କାସେମିରାଙ୍କ ନିକଟକୁ ପଠାଇଥିଲେ। କାସେମିରା ଏଥିରେ ଆଦୌ ତ୍ରୁଟି ନ ଦର୍ଶାଇ ବଲକୁ ଗୋଲ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଗୋଲ ହେବା ପରେ ସେ ସିଧାସଳଖ ବେଞ୍ଜିମାଙ୍କ ନିକଟକୁ ଯାଇଥିଲେ। ଏହି ଗୋଲ୍‌ଟି ବେଞ୍ଜିମାଙ୍କର ଓ ଏଥିଲାଗି ସେ ହକ୍‌ଦାର ବୋଲି କହିଥିଲେ। ବେଞ୍ଜିମାଙ୍କର ଏଭଳି ଚମତ୍କାର ଖେଳରେ ସେ ଆଦୌ ବିସ୍ମିତ ନୁହନ୍ତି ବରଂ ଏହା ତାଙ୍କୁ ଖୁବ୍ ସନ୍ତୋଷ ଦେଇଛି ବୋଲି କୋଚ୍ ଜିନେଡାଇନ୍ ଜିଡାନ କହିଛନ୍ତି।